# ତହସିଲଦାରଙ୍କ କାର୍ଯ୍ୟାଳୟ, ପାଳଲହଡା

ପତ୍ର ସଂଖ୍ୟା 4323 ତାରିଖ 29.10.18 //

## ଦୀର୍ଘମିଆଦୀ ଲିଜ ନିମନ୍ତେ ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ଅନୁଗୋଳ ଜିଲ୍ଲାରେ ଥିବା ପାଳଲହଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସୈରାତ ଉତ୍ସ (ବକେୟା ଲଘୁ ଖଣିଜ ଦ୍ରବ୍ଯ) ଗୁଡିକୁ OMMC Rules, 2016 ଅନୁଯାୟୀ 2018-19 ଆର୍ଥିକ ବର୍ଷ ଠାରୁ 2022-23 ବର୍ଷ ପର୍ଯ୍ୟନ୍ତ (ପାଞ୍ଚ ବର୍ଷିଆ) ଲିଜ ଆକାରରେ ବନ୍ଦୋବସ୍ତ କରିବା ପାଇଁ ସ୍ଥିର କରାଯାଇଛି ।

ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules, 2016 ର FORM-M ପୂରଣ କରି ଏହାର ତିନି କପିସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.19.11.2018 ରିଖ ଅପରାହ୍ନ 5 ଘଟିକା ସୁଦ୍ଧା ତହସିଲ ଅଫିସରେ ଥିବା ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଦାଖଲ କରିବେ କିମ୍ବା Registered/Speed Post ଜରିଆରେ ତହସିଲଦାର, ପାଳଲହଡାଙ୍କ ଠିକଣାରେ ପଠାଇପାରିବେ ।ଉପରୋକ୍ତ ଧାର୍ଯ୍ୟ ସମୟ ପରେ ହସ୍ତଗତ ହୋଇଥିବା ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ । ଲଫାପା ଉପରେ ସୈରାତ ଉତ୍ସର ନାମ ଓ ସୈରାତ କେସ ନମ୍ବର ଲେଖାଥିବା ଆବଶ୍ୟକ ।

ଏ ସମସ୍ତ ଦରଖାସ୍ତ ଗୁଡିକୁ ତା.20.11.2018 ରିଖ ଦିବା 11.00 ଘଟିକା ସମୟରେ ସମସ୍ତ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ଚୟନ କରାଯିବ । ଯଦି ପ୍ରଥମ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ଘୋଷିତ ହୁଅନ୍ତି ତେବେ ଦ୍ବିତୀୟ ଥର ପାଇଁ ତା.24.11.2018 ରିଖ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ କରିପାରିବେ ଏବଂ ଉକ୍ତ ଦରଖାସ୍ତ ଗୁଡିକୁ 26.11.2018 ରିଖ ଦିବା 11.00 ଘଟିକା ସମୟରେ ସମସ୍ତ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଖୋଲାଯାଇ ଚୟନ କରାଯିବ । ସେହିପରି ଯଦି ଦ୍ୱିତୀୟ ଥରରେ ଅଯୋଗ୍ୟ ବିବେଚିତ କିମ୍ବା ବଳକା ଉତ୍ସଗୁଡିକ ୩ୟ ଥର ପାଇଁ ତା. 28.11.2018 ରିଖ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ ପୁନଃ ଦରଖାସ୍ତ ସମାନ ଉପାୟରେ ଗ୍ରହଣ କରାଯିବ, ଯାହାକି 29.11.2018 ରିଖ ଦିବା 11.00 ଘଟିକା ସମୟରେ ଖୋଲାଯାଇ ଚୟନ କରାଯିବ ।

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦ ଟ. 1000.00 (ଏକ ହଜାର ଟଙ୍କା ମାତ୍ର ) ର ଟ୍ରେଜେରି ଚାଲାଣ (Non-Refundable) । ଏହି (0853-Non-ferrous Mining and Metallurgical Industries-102-Mineral Concession Fees, Rents and Royalties ) Head of Account ରେ ଜମା ହେବା ବିଧେୟ ।
2. ଆବେଦନ କରିଥିବା ଲିଜ ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ।
3. ସୈରାତ ଉତ୍ସ ବାବଦ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ ।
4. ଅମାନତ ରାଶି (Earnest Money) ଜମା ଯାହାକି ସଂପୂର୍ଣ୍ଣ ଏକ ବର୍ଷ ପାଇଁ ଉଦ୍ଦିଷ୍ଟ ନ୍ୟୁନତମ ପ୍ରତ୍ୟାଭୁତ ପରିମାଣ (Minimum Guaranteed Quantity) ନିମିତ୍ତ ରୟାଲଟି ଏବଂ ନ୍ୟୁନତମ ଅତିରିକ୍ତ ଦେୟ (Minimum Additional Charge) ର 5 ପ୍ରତିଶତ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ ।
5. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate କିମ୍ବା Bank Guarantee ଯାହାର ମୂଲ୍ୟ ଆବେଦନ କରିଥିବା ସୈରାତ ଉତ୍ସର 1 ବର୍ଷ ପାଇଁ ଉଦ୍ଦିଷ୍ଟ ନ୍ୟୁନତମ ପ୍ରତ୍ୟାଭୂତ ପରିମାଣ (Minimum Guaranteed Quantity) ନିମିତ୍ତ ରୟାଲଟି ଏବଂ ଅତିରିକ୍ତ ଦେୟ (Additional Charge Quoted/Offered) ଠାରୁ କମ ହୋଇନଥିବ । ଯାହାକି 18 ମାସ ପାଇଁ ବୈଧ ।
6. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ସ୍ଥାବର ସମ୍ପତି ର ପ୍ରମାଣପତ୍ର ।
7. ଆବେଦନକାରୀଙ୍କ PAN cardର ଫଟୋ କପି ବା ନକଲ ।
8. ନିଲାମଧାରୀ (Successful Bidder), Mining Plan ଓ Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ ।

ଦରଖାସ୍ତକାରୀ ଉପରୋକ୍ତ କାଗଜାତ ଗୁଡିକ ଦାଖଲ ନକଲେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି । କୌଣସି କାରଣ ନଥାଇ ଦରଖାସ୍ତ କୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ବାକ୍ଷରକାରୀଙ୍କର ରହିଅଛି । ସମସ୍ତ ଦରଖାସ୍ତକାରୀ OMMC Rules, 2016 ,OMMC(Amendment) Rules, 2017 & 2018ର ସମସ୍ତ ସର୍ତ୍ତାବଳୀକୁ ପାଳନ କରିବା ବିଧେୟ । ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ।

# ସର୍ତ୍ତାବଳୀ

1. ଆବେଦନକାରୀ ମାନେ OMMC Rules, 2016 ,OMMC(Amendment) Rules, 2017 & 2018ର ପରିସର ଭୁକ୍ତ ରହିବେ ଏବଂ ପାଳନ କରିବାକୁ ବାଧ୍ୟ ହେବେ ।
2. ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା ଗଚ୍ଛିତ ଥିବା ଲଘୁଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।
3. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।
4. ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ନ୍ୟୁନତମ ଅତିରିକ୍ତ ଦେୟ (Minimum Additional Charge) ଠାରୁ କମଦରରେ ଲିଜ ଅନୁମୋଦନ କରାଯିବ ନାହିଁ । ସର୍ବାଧିକ ଅତିରିକ୍ତ ଦେୟ (Additional Charge) ପ୍ରସ୍ତାବ ଦେଇଥିବା ଯୋଗ୍ୟ ଦରଖାସ୍ତ କାରୀଙ୍କୁ ଏହି ଲିଜ ପାଇଁ ଅଗ୍ରାଧିକାର ଦିଆଯିବ ଏବଂ ଯଦି ଏକାଧିକ ଦରଖାସ୍ତ କାରୀଙ୍କ ପ୍ରସ୍ତାବିତ ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧ୍ୟମରେ ଚୟନ କରାଯିବ ।
5. ଚୟନ ହେଲା ପରେ ଆବେଦନକାରୀ 15 ଦିନ ମଧ୍ୟରେ ଧାର୍ଯ୍ୟ ହୋଇଥିବା ଦେୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ Demand Draft ଆକାରରେ ଦାଖଲ କରିବେ ।
6. ଚୟନ ହେଲା ପରେ ଦରଖାସ୍ତକାରୀ Mining Plan ଅନୁମୋଦନ ହୋଇଥିବା ଉତ୍ସର Mining Plan ପ୍ରସ୍ତୁତି ସମ୍ବନ୍ଧୀୟ RQPଙ୍କ ଦ୍ୱାରା ଧାର୍ଯ୍ୟ ଖର୍ଚ୍ଚ ତତକ୍ଷଣାତ ଦାଖଲ କରିବେ । Mining Plan ଅନୁମୋଦନ ହୋଇନଥିବା ଉତ୍ସ ପାଇଁ Authorized Officerଙ୍କ ଠାରୁ Mining Plan 30ଦିନ ମଧ୍ୟରେ ଆଣି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ ତଥା ତତସମ୍ବନ୍ଧୀୟ ସମସ୍ତ ଦେୟ ନିଜେ ବହନ କରିବେ ।
7. ଚୟନ ହୋଇଥିବା ଦରଖାସ୍ତକାରୀ Authorized Officerଙ୍କ ଦ୍ୱାରା Mining Planରେ ପ୍ରସ୍ତାବିତ ପରିମାଣର ଲଘୁଖଣିଜର ଧାର୍ଯ୍ୟ ରୟାଲଟି ଏବଂ OMMC Rules, 2016 ରେ ଧାର୍ଯ୍ୟ ଅନ୍ୟାନ୍ୟ ଦେୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଜ ଡିଡ ପୂର୍ବରୁ ଦାଖଲ କରିବେ ।
8. ଲିଜଧାରୀମାନେ ନିଜ ଉତ୍ସ ପରିଚାଳନା ନିମନ୍ତେ 5 ହେକ୍ଟରରୁ କମ ଉତ୍ସ ପାଇଁ District Environment Impact Assessment Authority (DEIAA), Angul ଙ୍କ ଠାରେ ଏବଂ 5 ହେକ୍ଟରରୁ ଅଧିକ ଉତ୍ସ ପାଇଁ State Environment Impact Assessment Authority (SEIAA), BBSRଙ୍କ ଠାରେ Environment Clearance ପାଇଁ ଦାଖଲ କରିବେ ଏବଂ ନିଜ ଦାୟିତ୍ୱରେ EC ଆଣିବେ ।
9. ଲିଜଧାରୀମାନଙ୍କୁ ପରିବେଶ ଅନୁମୋଦନ ନିମନ୍ତେ ଧାର୍ଯ୍ୟଦେୟ Chairman, SEIAA, BBSRଙ୍କ ଠାରେ କିମ୍ବା Chairman DEIAA, Angulଙ୍କ ଠାରେ ଦାଖଲ କରିବେ ।
10. ପରିବେଶ ମଞ୍ଜୁରୀ ପ୍ରାପ୍ତ ହେଲା ପରେ State Pollution Control Board ଦ୍ୱାରା ଅନୁମୋଦିତ ଆବଶ୍ୟକୀୟ ମଞ୍ଜୁରୀ ପତ୍ର ଦାଖଲ କରିବେ ।

11. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ଦାଖଲ ନକଲେ ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀ ପାଳନ ନକଲେ ଅମାନତ ରାଶି ବ୍ୟାଜାପ୍ତ କରାଯିବ ଏବଂ ଲିଜ ଖାରଜ କରାଯାଇ ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

12. ପୁନଶ୍ଚ ନିୟମାନୁଯାୟୀ ଆବଶ୍ୟକସ୍ଥଳେ ପଇଠ ହୋଇଥିବା ଜମା ରାଶିକୁ ବ୍ୟଜାପ୍ତ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ।

13. ସମସ୍ତ ପ୍ରକ୍ରିୟା ସମାପ୍ତ ହେଲାପରେ ରୟାଲଟି,Surface Rent, Dead Rent, DMF/EMF Contribution ଏବଂ Additional Charge ଦାଖଲ କରିସାରିବା ପରେ OMMC Rule, 2016 ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ଲିଜଧାରୀ Registration Act, 1908 ଓ Stamp act, 1999 ଅନୁଯାୟୀ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବେ ।

14. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉପରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

15. ଅନୁମୋଦିତ Mining Plan ଅନୁସାରେ ନିଲାମ ଧାରା ବର୍ଷରେ ନିର୍ଦ୍ଦିଷ୍ଟ ମାତ୍ରାର ଖଣିଜ ଉତ୍ତୋଳନ କରିପାରିବେ ।

16. ଲିଜଧାରୀଙ୍କୁ Mining Plan ଏବଂ EC ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆଣିବାକୁ ପଡିବ ନଚେତ ଲିଜ ବାତିଲ କରାଯିବ ।

17. ପୂର୍ବରୁ ସରକାରୀ ଦେୟ ବାକି ରଖିଥିବା ବ୍ୟକ୍ତି ବିଶେଷଙ୍କ ଟେଣ୍ଡର ପେପରକୁ ବିଚାରକୁ ନିଆଯିବ ନାହିଁ ।

18. ଏହି ସର୍ତ୍ତାବଳୀରେ କୌଣସି ପ୍ରକାର ସଂଶୋଧନ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କର ଅଛି ଏବଂ ତାହାକୁ ଲିଜଧାରୀ ମାନିବା ପାଇଁ ବାଧ୍ୟ ହେବେ ।

19. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତିତ ଅନ୍ୟ ସମସ୍ତ ଦିନରେ ଦେଖି ପାରିବେ ।

20. ଲିଜଧାରୀମାନେ ଇସ୍ତାହାର ସମ୍ବନ୍ଧୀୟ ସମସ୍ତ ଖର୍ଚ୍ଚ ସମାନୁପାତିକ ଭାବରେ ବହନ କରିବେ ।

21. ଲିଜଧାରୀମାନେ ସରକାରଙ୍କ ପ୍ରଦତ୍ତ ନିୟମାବଳୀ ଅନୁସାରେ ସମୟାନୁଯାୟୀ ପରିବର୍ତ୍ତିତ ନିର୍ଦ୍ଦେଶନାମା ପାଳନ କରିବାକୁ ବାଧ୍ୟ ହେବେ ।

# ସୈରାତ ଉତ୍ସ ଗୁଡିକର ବିବରଣୀ

| ମୌଜାର ନାମ | କେସ ନମ୍ବର | ସୈରାତ ଉତ୍ସର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ରକବା ଏକରରେ | EMD Rs. | Rate of Royalty + Addl. Charge | Minimum Guaranteed Quantity | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| ମୋହନପୁର | 14/18-19 | ମୋହନପୁର ପଥର ଖାଦାନ | 28 | 17,28 | ପଥରବଣି | ଏ. 3.24 +ଏ.2.68 = ଏ.5.92 | 10000.00 | 136.50 | 1200 cum. | Mining Plan ଅନୁମୋଦିତ |
| ବେଣାଳିଆ | 15/18-19 | ବେଣାଳିଆ ପଥର ଖାଦାନ | 81 | 1044 | ପଥରବଣି | ଏ.2.00 | 10000.00 | 136.50 | 600 cum. | Mining Plan ଅନୁମୋଦିତ |
| କୁଟାରିମୁଣ୍ଡା | 16/18-19 | କୁଟାରିମୁଣ୍ଡା ପଥର ଖାଦାନ | 25 | 37 | ପଥରବଣି | ଏ.1.34 | 10000.00 | 136.50 | 400 cum. | Mining Plan ଅନୁମୋଦିତ |
| ରଙ୍ଗା | 17/18-19 | ରଙ୍ଗା ପଥର ଖାଦାନ | 158 | 380 | ପଥରବଣି | ଏ.3.00 | 10000.00 | 136.50 | 800 cum. | Mining Plan ଅନୁମୋଦିତ |
| ଖଣତାପଶି କଲୋନୀ | 13/18-19 | ଖଣତାପଶି-III ପଥର ଖାଦାନ | 42 | 69 | ପଥରବଣି | ଏ.1.25 | 10000.00 | 136.50 | 600 cum. | Mining Plan ଅନୁମୋଦିତ |
| ବନ୍ଧକାନି | 12/18-19 | ବନ୍ଧକାନି ପଥର ଖାଦାନ | 72 | 23 | ପର୍ବତ | ଏ.3.00 | 10000.00 | 136.50 | 1000 cum. | Mining Plan ଅନୁମୋଦିତ |

ତହସିଲଦାର, ପାଲଲହଡା

ସ୍ମାରକ ସଂଖ୍ୟା 4324 /ତାରିଖ 30.10.18 //

ଏହାର ଏକକିତା ନକଲ ଜିଲ୍ଲାପାଳ,ଅନୁଗୋଳ/ ଉପ-ଜିଲ୍ଲାପାଳ,ପାଲଲହଡା/ ଅନୁଗୋଳ ଜିଲ୍ଲାର ସମସ୍ତ ତହସିଲଦାର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ସମସ୍ତ ସରପଞ୍ଚ/ସମସ୍ତ ବିଗତ ବର୍ଷର ଲିଜଧାରୀ/ ପାଲଲହଡା ତହସିଲ ଅଧୀନରେ ଥିବା ସମସ୍ତ ରାଜସ୍ୱ ନିରିକ୍ଷକଙ୍କ ଅବଗତି ତଥା ସମ୍ପୃକ୍ତ ଅଞ୍ଚଳରେ ଜାରୀ ହେବା ସହିତ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଅନୁଗୋଳଙ୍କ ଅବଗତି ତଥା ଜିଲ୍ଲା website ରେ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ପାଲଲହଡା